# Akashvani, Sambalpur

## SAMBALPURI NEWS EVENING BULLETIN

**20 November 2025- 7.02 pm- 7.12 pm.**

*********************************************

୧- ରାମେଶ୍ୱର-କୋଣାର୍କ-ପାରାଦ୍ୱୀପ ଉପକୂଳ ରାଜପଥ ଲାଗି ୮ ହଜାର ୩ ଶହ କୋଟି ଟଙ୍କା ଅନୁମୋଦନ କଲେ କେନ୍ଦ୍ର ସରକାର ।

୨- ଇସ୍ପାତ୍ କ୍ଷେତ୍ରଥି ଭାରତ୍ ବିଶ୍ୱ ନେତୃତ୍ୱ ନେବାର୍ କ୍ଷମତା ରଖିଛେ- କହେଲେ- କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ।

-ଇସ୍ପାତ୍ କ୍ଷେତ୍ରର୍ ବିକାଶ ଦିଗେ ଓଡ଼ିଶାର୍ ପଦକ୍ଷେପକେ କଲେ ପ୍ରଶଂସା ।

୩- ଶପଥ୍ ନେଲେ ନୂଆପଡ଼ାର ନୂଆନିର୍ବାଚିତ୍ ବିଧାୟକ ଜୟ ଢୋଲକିଆ ।

ଆଉର୍

୪- ଗୋଆ ନ ଆଏଜ୍‌ଠାନୁ ମୁଲ୍ ହେଲା ୫୬ ନମ୍ବର୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ।

ଉପକୂଳ ରାଜପଥ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର ରାମେଶ୍ୱର-କୋଣାର୍କ-ପାରାଦ୍ୱୀପ ଉପକୂଳ ରାଜପଥ ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରଣାଲୟର୍ ମୂଲ୍ୟାଙ୍କନ କମିଟି ୮ ହଜାର ୩ ଶହ କୋଟି ଟଙ୍କା ଅନୁମୋଦନ କରିଛନ୍ । ଇ ରାଜପଥ ହେଲେ ପର୍ଯ୍ୟଟନକେ ତହଁକାବାର୍ ସହେତେ ଯୋଗାଯୋଗ ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବା ଆଉ ସମୁଦ୍ର ଖଣି ଇଲାକା ନ ବହୁତ୍‌ଟେ ଅର୍ଥନୈତିକ ସୁଯୋଗ୍ ସୃଷ୍ଟି ହେବା । ଆଏବା ଦିନେ ଇ ପ୍ରକଳ୍ପ ଲାଗି ଓଡ଼ିଶା ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ପରିବହନର କେନ୍ଦ୍ରସ୍ଥଳ୍ ହେବା । ଇ ବାବ୍‌ଦେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ସାମାମଜିକ୍ ଗଣମାଧମଥି ସୂଚ୍‌ନା ଦେଇକରି ଓଡ଼ିଶାର୍ ଉପକୂଳ ଇଲାକା ଲାଗି ଇଟା ଗୁଟେ ପ୍ରକୃତ ପରିପର୍ତନକାରୀ ପଦକ୍ଷେପ ଆଏ ବଲି କହିଛନ୍ ।

କେନ୍ଦ୍ରମନ୍ତ୍ରୀ-ଚିନ୍ତନ ଶିବିର I&PR

ଇସ୍ପାତ୍ କ୍ଷେତ୍ରଥି ଭାରତ୍ ବିଶ୍ୱ ନେତୃତ୍ୱ ନେବାର୍ କ୍ଷମତା ରଖିଛେ ବଲି କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ କହିଛନ୍ । ପ୍ରଯୁକ୍ତିବିଦ୍ୟା, ନୂଆସୃଜନ୍ ଆଉ ଆତ୍ମନିର୍ଭରଶୀଲ୍‌ତାକେ ନେଇକରି ଭୁବନେଶ୍ୱର ନ ହେଇଥିବା ଦୁଇଦିନିଆ ଚିନ୍ତନ ଶିବିର୍‌ଥି ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ

କହିଛନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦୃଷ୍ଟିକୋଣ ଆଧାରିତ୍ କୃତ୍ରିମ ବୁଦ୍ଧିମତା ଆଉ ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ବଲେ ଦେଶର୍ ଇସ୍ପାତ୍ କ୍ଷେତ୍ରକେ ଆହୁରି ବର୍କସ୍ କରାଯାଇ ପାରିଛେ । ବର୍କସ୍ ଭିତିଭୂମି କ୍ଷେତ୍ର ଆଉ ଇସ୍ପାତ୍ କ୍ଷେତ୍ର ଲାଗି ରହିଥିବା ଆନୁଷଙ୍ଗିକ୍ ବ୍ୟବସ୍ଥାଥି ଉନ୍ନତି ଦେଶ୍‌କେ ବୈଷୟିକ୍ ସ୍ତରଥି ଅଏତ୍‌କା ଗତିଶୀଲ୍ କରିପାରିଛେ । ସରକାରୀ ଆଉ ଘରୋଇ ସ୍ତରଥି ଇସ୍ପାତ୍ କ୍ଷେତ୍ର ନ ନିଆଯାଇଥିବା ପଦ୍‌କ୍ଷେପ୍‌ମ୍ନେ ନେଇକରି କେନ୍ଦ୍ରମନ୍ତ୍ରୀ ପ୍ରଶଂସା କର୍‌ବାର୍ ସହେତେ କଂଚାମାଲ୍ ଉପ୍‌ାଦନ୍ ଆଉ ଯୋଗାଣ ଶୃଙ୍ଖଲଥି ରହିଥିବା ଆହ୍ୱାନ୍‌ମାନ୍‌କର ସମାଧାନ୍ ଦିଗେ ଚେରେଷ୍ଟା ଚାଲିଚେ ବଲି ଶ୍ରୀ କୁମାରସ୍ୱାମୀ କହିଛନ୍ । ଇସ୍ପାତ୍ କ୍ଷେତ୍ରଥି ଓଡ଼ିଶା ସରକାର ନେଇଥିବା ପଦକ୍ଷେପ୍ ଦେଶର୍ ଇସ୍ପାତ୍ କ୍ଷେତ୍ରକେ ଆହୁରି ବର୍କସ୍ କରିଛେ ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ । ଦୁଇଦିନିଆ ଶିବିର୍‌ଥି ରାଷ୍ଟ୍ର ନିର୍ମାଣ ଦିଗେ ଘରୋଇ ଇସ୍ପାତ୍ କ୍ଷେତ୍ରର୍ ଭୂମିକାକେ ବର୍କସ୍ କର୍‌ବାର ଲାଗି ବିଚାର ମନ୍ଥନ୍, ସହଯୋଗ ଆଉ ରଣନୈତିକ୍ ସମନ୍ୱୟ ଦିଗେ ଆଲୋଚନା ହେଉଛେ ।

ନୀତୀଶ କୁମାର ଶପଥ ସମାରୋହ ଏନ୍‌ଏସ୍‌ଡି

ଜେଡିୟୁ ମୁଖ୍ୟ ନୀତୀଶ କୁମାର ଆଏଜ୍ ୧୦ ନମ୍ବର ଥର ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ । ପାଟନାର ଗାନ୍ଧୀ ମଇଦାନ୍ ଦେଇଥିବା ଶପଥ ସମାରୋହଥି ରାଜ୍ୟପାଲ ଆରିଫ୍ ମହମ୍ମଦ ଖାନ୍ ତାଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ ପାଠ କରେଇଥିଲେ । ମୁଖ୍ୟମନ୍ତ୍ରୀଙ୍କର ସହେତେ ୧୭ ଝନ୍ ମନ୍ତ୍ରୀ ଶପଥ୍ ନେଇଛନ୍ । ଇ ଅବ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା, କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ୍ଙ୍କ ସହେତେ ଏନ୍ଡିଏର୍ ବହୁତ୍ ବରିଷ୍ଠ ନେତା ଉପସ୍ଥିତ ଥିଲେ । ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ସହେତେ ଭିନ୍ ଭିନ୍ ରାଜ୍ୟ ମୁଖ୍ୟମନ୍ତ୍ରୀ ମାନେ ଭିଲ୍ ସାମିଲ୍ ଥିଲେ ।

କେନ୍ଦୁପତ୍ର କର୍ମଚାରୀ ସାହାଜ୍ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଆଉ ଋତୁକାଳୀନ୍ କର୍ମଚାରୀମାନ୍ଙ୍କର ଜୀବିକା ବର୍କସ୍ କର୍ବାର ଲାଗି ରାଜ୍ୟ ସରକାରଙ୍କର ତର୍ଫୁ ୨୦୨୫-୨୬ ଆର୍ଥିକ୍ ବଛ୍ରେ ୪୧ କୋଟି ୧୭ ଲାଖ୍ ଟଙ୍କାର୍ ପେକେଜ୍ ଘୋଷଣା କରାଯାଇଛେ । ଆଏଜ୍ତକ୍ ୮ ଲାଖ୍ ୫୯ ହଜାର୍ନୁ ଅଏତ୍କା କେନ୍ଦୁପତ୍ର ତୋଲିଲିଙ୍କୁ ଚପଲ, ଟୁପି, ବେଗ୍

ବାବ୍‌ଦେ ପାଖାପାଖି ୪୦ କୋଟି ଟଙ୍କା ଯୁଗେଇ ଦିଆଯାଇଛେ । ସେନ୍ତା ୧୮ ହଜାର୍‌ନୁ ଅଏତ୍‌କା ବନ୍ଧାଲିଙ୍କୁ କମଲ, ମଶାରୀ ବାବ୍‌ଦେ ୧ କୋଟି ୩୦ ଲାଖ୍‌ନୁ ଅଏତ୍‌କା ଟଙ୍କା ଯୁଗେଇ ଦିଆଯାଇଥିବାର୍‌ବେଲେ ୧୬ ହଜାର୍‌ନୁ ଅଏତ୍‌କା ଋତୁକାଲୀନ କର୍ମଚାରୀଙ୍କୁ ୧୬ ଲାଖ୍‌ନୁ ଅଏତ୍‌କା ଟଙ୍କାର୍ ସାହାଜ୍ ଯୁଗେଇ ଦିଆଯାଇଛେ ।

ଗଣଶିକ୍ଷାମନ୍ତ୍ରୀ-ୟୁନିଫର୍ମ ଯୋଗାଣ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ଇ ଶିକ୍ଷା ବଛ୍‌ରେ ରାଜ୍ୟର୍ ୮୦ ପ୍ରତିଶତ୍ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପୋଷାକ ଯୁଗେଇ ଦିଆଯାଇଛେ ବଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ପୋଷାକ ଯୁଗେଇ ଦେବାର୍‌ଥି ଡେରି ହୁଥିବାର୍ ବାବ୍‌ଦେ ଆଏଜ୍ ବିଭାଗୀୟ ଅଧିକାରୀମାନ୍‌କର ସଙ୍ଗେ ଆଲୋଚନା କରି କରି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍, କେତେଟା ଜାଗା ନ ପୋଷାକ ଯୁଗେଇ ଦେବାର୍‌ଥି ଡେରି ହେଉଥିବାର୍‌ନୁ ସ୍ୱୟଂ ସହାୟକ ଗୋଷ୍ଠୀର୍ ମହିଲାମାନ୍‌କୁ ଇତାର୍ ଦାୟିତ୍ୱ ଦେବାର ବାତିଲ୍ କରାଯାଇଛେ । ଖୋବ୍ ଜଲ୍‌ଦି ପୋଷାକ ତିଆର୍ କରାଯାଇ କରି ଅଲ୍‌ଗା ସଂସ୍ଥାମାନ୍‌କୁ ଦାୟିତ୍ୱ ଦିଆଯିବା । ଆଗୋନୁ ପୋଷାକ ଯୁଗେଇ ଦେବାର୍ ଲାଗି ସମିଆ ଧାରିଜ୍

କରାଯାଇଥିବାର୍ ବେଲେ ଯେନ୍ ସଂସ୍ଥାମାନେ ଇଥ ଖିଲାପ୍ କରିଛନ୍ ସେମାନ୍‌ଙ୍କୁ ଆଉ ଦାୟିତ୍ୱ ଦିଆନାଇଯାଏ ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ । ଇତାର୍ ସହେତେ ପୋଷାକ ବାଂଟବାର୍ କାମ୍ ତୁରତି କର୍‌ବାର୍ ଲାଗି ଶିକ୍ଷାମନ୍ତ୍ରୀ ବିଭାଗୀୟ ଅଧିକାରୀମାନ୍‌ଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

## ଶିଶୁ ଅଧିକାର ଜାତୀୟ ସମ୍ମିଳନୀ I&PR

ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ୍, ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଭୁବନେଶ୍ୱର ନ ଆଏଜ୍ ଶିଶୁ ଅଧିକାର ସମସ୍ୟା ବାବ୍‌ଦେ ଜାତୀୟ ସମ୍ମିଳନୀ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଅତିଥିମାନେ ଅଧାନୁ ପାଠପଢ଼ା ଛାଡ଼୍‌ବାର୍, ଛାତ୍ରବାସ୍‌ନୁ ଶିଶୁ ସ୍ଥାନାନ୍ତରକେ ରୁକ୍‌ବାର ବାବ୍‌ଦେ ଆଲୋଚନା କରିଥିଲେ । ମହିଲା ଆଉ ଶିଶୁ ବିକାଶ ବିଭାଗ, ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ଇ ଦିଗେ କାମ୍ କର୍‌ବାର୍‌କେ ଆଲୋଚନା କରାଯାଇଥିଲା ।

## ବାଉଁଶ, ଉଦ୍ଭିଦ ଜାତୀୟ ସମ୍ମିଳନୀ I&PR

ବାଉଁଶ୍ ହଉଛେ ଓଡ଼ିଶାର ସବୁଜ ଶିଳ୍ପର୍ ପ୍ରମୁଖ ଅଂଶ ବଲି ଜଙ୍ଗଲ ଆଉ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଂଟିଆ କହିଛନ୍ । ଭୁବନେଶ୍ୱର ଲୋକସେବା ଭବନ୍ ନ ଆଏଜ୍ ହେଇଥିବା ବାଉଁଶ୍ ଆଉ ଉଷୋକସା ଗଛ୍ ବାବଦ୍ ଜାତୀୟ ସମ୍ମିଳନୀଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍, ସାରା ପୁର୍‌ଥି ଇହାଦେ ସ୍ଥାୟୀ ଦରବ୍, ପରିବେଶ ଅନୁକୁଲ୍ ସ୍ଥାପତ୍ୟ ଆଉ ପ୍ରାକୃତିକ୍ ତନ୍ତୁ ଦିଗ୍‌କେ ଜୋର୍ ଦଉଥିବାର୍ ବେଲେ ବାଉଁଶ ଶିଳ୍ପ ଇ ବଦ୍‌ଲାବ୍ ସହେତେ ସ୍ୱାଭାବିକ୍ ଭାବେ ଖାପ୍ ଖାଉଛେ । ଇ ଦିଗେ ଓଡ଼ିଶାର୍ କାରିଗର୍‌ମାନ୍‌କର ପାଖେ ଥିବା ଦକ୍ଷତା ବିକାଶ ଲାଗି ବିସ୍ତୃତ୍ ରୋଡ୍‌ମେପ୍ ତିଆର୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ । ସେନ୍ତା ଇ ସମ୍ମିଳନୀ ଆମର୍ ପାରମ୍ପରିକ୍ ଜ୍ଞାନ ଆଉ ପ୍ରକୃତି ସହେତେ ଆମର୍ ଗୁହେର୍ ସମ୍ପର୍କର୍ ପ୍ରତୀକ୍ ଆଏ ବଲି ମନ୍ତ୍ରୀ କହିଛନ୍ ।

## ଜୟ ଢୋଲକିଆ ଶପଥ ଗ୍ରହଣ        ଭୁବନେଶ୍ୱର ସମ୍ବାଦଦାତା

ନୂଆପଡ଼ାର୍ ନୂଆକରି ନିର୍ବାଚିତ୍ ବିଧାୟକ୍ ଜୟ ଢୋଲକିଆ ଆଏଜ୍ ବିଧାନସଭା ନ ଶପଥ ନେଇଛନ୍ । ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ପଦ ଆଉ ଗୋପନୀୟତାର୍ ଶପଥ ପାଠ୍ କରେଇଛନ୍ । ଇ ଅବ୍‌ସରେ ସଂସଦୀୟ ବ୍ୟାପାର

ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀ ଦଲ୍ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ୍ ପ୍ରମୁଖ ଉପସ୍ଥିତ ଥିଲେ । ସୂଚ୍ନା ଅନ୍ସାରେ ନୂଆପଡ଼ା ଉପ ନିର୍ବାଚନଥି ଶ୍ରୀ ଢୋଲକିଆ ୮୩ ହଜାରନୁ ଅଏତ୍କା ଭୋଟ୍ଥି ଜିତିଛନ୍ ।

ରଥଯାତ୍ରା ଦଲାଚକ୍ଟା ଆର୍ଏନ୍ୟୁ/ ସମ୍ବଲପୁର/ଏକ୍ସ

ପୁରୀ ରଥଯାତ୍ରା ଦଲାଚକ୍ଟା ଘଟ୍ନାଥି ପୁରୀ ଏସିଏଫ୍ ଅଶୋକ ବେହେରାଙ୍କୁ ଗୃହ ବିଭାଗ ତର୍ଫୁ ଜବାବ୍ ମଗାଯାଇଛେ । ୩୦ ଦିନ୍ ଭିତ୍ରେ ନିଜର୍ ପକ୍ଷ ରଖ୍ବାର୍କେ ବିଭାଗ୍ ତର୍ଫୁ ନୋଟିସ ଜରିଏ କୁହାଯାଇଛେ । ଘଟ୍ନା ଦିନ ଶ୍ରୀ ବେହେରା ନିୟନ୍ତ୍ରଣ କକ୍ଷ ଦାୟିତ୍ୱଥି ଥିଲେ । ଘଟ୍ନାକେ ନେଇକରି ଉନ୍ନୟନ କମିଶନର୍ ଅନୁ ଗର୍ଗ ରିପୋର୍ଟ ଦେବାର୍ ଉତ୍ରୁ ଇ କାର୍ଯ୍ୟାନୁଷ୍ଠାନ୍ ନିଆଯାଇଛେ । ଇତାର୍ ସହେତେ ୪ନେ ସହକାରୀ ଜିଲ୍ଲାପାଲ, ୨ ଝନ୍ ଅତିରିକ୍ତ ତହସିଲ୍ଦାରଙ୍କ ବିରୋଧି ଭିଲ୍ କାର୍ଯ୍ୟାନୁଷ୍ଠାନ୍ ନେବାର୍କେ ସୁପାରିଶ୍ କରାଯାଇଛେ ବଲି ଗୃହ ବିଭାଗର ବିଜ୍ଞପ୍ତିଥି ସୂଚ୍ନା ଦିଆଯାଇଛେ ।

ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର୍ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କର ଅଧ୍ୟକ୍ଷତାଥି ଆଏବାକାଏଲ୍ ହେବା । ବୈଠକ୍ଥି ରତ୍ନ ଅଳଙ୍କାର ଗନ୍ତି ମନ୍ତି ବାବ୍ଦେ ଆଲୋଚନା କରାଯିବା । ନାଟମଣ୍ଡପନ ଧାଡ଼ି ଦର୍ଶନ ବ୍ୟବସ୍ଥା ସହେତେ ପ୍ରକଳ୍ପ, ସାଂସ୍କୃତିକ ଆଉ ବୈଷୟିକ ଉପକମିଟିର୍ ବିବରଣୀ ବାବ୍ଦେ ଆଲୋଚନା କରାଯିବା । ଶ୍ରୀଗୁଣ୍ଡିଚା ମନ୍ଦିରର୍ ଉନ୍ନତିକରଣ, ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ, ରଘୁନନ୍ଦନ ଲାଇବ୍ରେରୀ, ସେବକ ବାସଗୃହ, ଅନ୍ନକ୍ଷେତ୍ର ବାଗିର୍ ଭିନ୍ ଭିନ୍ ପ୍ରକଳ୍ପ ନିର୍ମାଣ ବାବ୍ଦେ ବୈଠକ୍ଥ ଆଲୋଚନା କରାଯିବା । ମାହାପୁରୁମାନ୍କର ଜମିଜମା ବାବ୍ଦେ ଭିଲ୍ ଆଲୋଚନା କରାଯିବା ବଲି ଜନାପଡ଼ିଛେ ।

ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ          ଏନ୍ଏସ୍ଡି

ଇଛନିର୍ ସମିଆ ଭାରତର ନାରଙ୍ଗୀ ଅର୍ଥନୀତିର୍ ସମିଆ ଆଏ ବଲି କେନ୍ଦ୍ର ସୂଚନା ଆଉ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ୍ କହିଛନ୍ । ଗୋଆ ନ ୫୬ ନମ୍ବର୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ୍ ଆଇ.ଏଫ୍.ଏଫ୍.ଆଇ-୨୦୨୫ର ଉଦ୍ଘାଟନୀ

ସମାରୋହଥି ଯୋଗ୍ ଦେଇକରି କେନ୍ଦ୍ରମନ୍ତ୍ରୀ ଡକ୍ଟର ମୁରୁଗନ୍ ଇଟା କହିଛନ୍ । ୱେଭ୍ସ୍ ସଙ୍ଗେ ମିଶିକରି ଇଫି-୨୦୨୫ ଭାରତର ନାରଙ୍ଗୀ ଅର୍ଥନୀତିର୍ ୩ଟା ସ୍ତମ୍ଭ ନୂଆସୃଜନ୍, ନୂଆ ନୂଆ ବିଷୟବସ୍ତୁ ଆଉ ସଂସ୍କୃତିକେ ଆହୁରି ବର୍କସ୍ କର୍ବା ବଲି ଡକ୍ଟର ମୁରୁଗନ୍ କହିଛନ୍ ।

ଭାରତ୍ର ସିନ୍ମା ଐତିହ୍ୟକେ ପ୍ରଦର୍ଶନ୍ କରୁଥିବା ଇ ସାଂସ୍କୃତିକ୍ ମହୋତ୍ସବ୍ଥି ୮୦ ନୁ ଅଏତ୍କା ଦେଶର୍ ପ୍ରତିନିଧି ଆଉ ଚଳଚ୍ଚିତ୍ର ନିର୍ମାତା ଭାଗ୍ ନେଇଛନ୍ । ଆଏବା ୨୮ ତାରିଖ୍ତକ୍ ପଞ୍ଜିମ୍ ନ ଇ ମହୋତ୍ସବ୍ ହେବା । ଇ ଅବ୍ସରେ ୨ ଶହ ୭୦ ନୁ ଅଏତ୍କା ସିନ୍ମା ପ୍ରଦର୍ଶନ୍ କରାଯିବା । ଗୋଆର୍ ୫ ଟା ପ୍ରମୁଖ ଜାଗା ନ ଚଳଚ୍ଚିତ୍ର ମାନ୍କର୍ ପ୍ରଦର୍ଶନ୍ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଉଛେ ।

ଜାତୀୟ ଶିକ୍ଷାନୀତି କାର୍ଯ୍ୟକ୍ରମ ଦେବଗଡ଼ ସମ୍ବାଦଦାତା

ଦେବଗଡ଼ ମହାବିଦ୍ୟାଳୟ ନ ଆଏଜ୍ କେନ୍ଦ୍ର ସରକାରଙ୍କର ପିଏମ୍ ଉଷା ପ୍ରକଳ୍ପ ତର୍ଫୁ ନୂଆ ଜାତୀୟ ଶିକ୍ଷା ନୀତି ଗଠନ, ଦୃଷ୍ଟି ଆଉ ଲକ୍ଷ୍ୟ ଉପ୍ରେ ଗୁଟେ ସଚେତନତା କାର୍ଯ୍ୟକ୍ରମ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ମହାବିଦ୍ୟାଳୟର୍ ଅଧ୍ୟକ୍ଷ ଡକ୍ଟର ସୁଦାମ କୁମାର ପରିଡ଼ାଙ୍କ ସଭାପତିତ୍ୱଥି

ହେଇଥିବା କାର୍ଯ୍ୟକ୍ରମ୍ଥି ସମ୍ବଲପୁର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର୍ ପ୍ରାଧ୍ୟାପକମାନେ୍ ଯୋଗ୍ ଦେଇକରି ଜାତୀୟ ଶିକ୍ଷାନୀତିର୍ ଭିନ୍ ଭିନ୍ ଦିଗ୍ ବାବ୍ଦେ ଆଲୋଚନା କରିଥିଲେ ।

## ଜାତୀୟ ରୋଡ୍ ସାଇକେଲ୍ ଚାଲନା ପ୍ରତିଯୋଗିତା

ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ନ ଆଏବା ମାସର୍ ୨ ତାରିଖ୍ ୩୦ ନମ୍ବର୍ ଜାତୀୟ ରୋଡ୍ ସାଇକେଲ୍ ଚଲାବାର୍ ପ୍ରତିଯୋଗିତା -୨୦୨୫ ମୁଲ୍ ହେବା । ଡିସେମ୍ବର୍ ୬ ତାରିଖ୍ତକ୍ ହେବାର୍କେ ଥିବା ପ୍ରତିଯୋଗିତାଥି ୨୮ ଟା ରାଜ୍ୟ ଆଉ ସବୁ କେନ୍ଦ୍ରଶାସିତ୍ ଅଂଚଲ୍ନୁ ହଜାରେ ନୁ ଅଏତ୍କା ପ୍ରତିଯୋଗୀ ଭାଗ୍ ନେବେ । ବରିଷ୍ଠ, କନିଷ୍ଠ ଆଉ ଉପକନିଷ୍ଠ ବର୍ଗଥି ନକ୍ସାପାଲି ଓଭର୍ବ୍ରିଜ୍ନୁ ଇ ପ୍ରତିଯୋଗିତା ମୁଲ୍ ହେବା ବଲି ଅତିରିକ୍ତ ଜିଲ୍ଲାପାଲ୍ ଅଶୋକ୍ ଭୋଇ ସୂଚ୍ନା ଦେଇଛନ୍ ।

ପାଣିପାଗ୍ ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରନ ଆଏବା ଶନିବାର୍ ଦିନ୍‌ତକ୍ ଗୁଟେ ଲଘୁଚାପ୍ କ୍ଷେତ୍ର ହେଇପାରେ । ଇଟା ପଶ୍ଚିମ-ଉତର-ପଶ୍ଚିମ୍ ଦିଗ୍‌କେ ଗତି ବର୍‌ବାର୍ ସହେତେ ଆହୁରି ବର୍‌କସ୍ ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସେଆଡ଼େ ସାରା ରାଏଜେ ଶୀତ୍ ଟିକେ କମି ଥିବାର୍ ବେଲେ ଆଏବା ୨୪ ଘଂଟା ଭିତ୍‌ରେ ରାତିର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିକରି ଶୀତ୍ କମ୍‌ବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।